بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୭ ଜୁନ୍ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍

**ସରିୟା ବୈରେ ମାଉନାର ଅବସ୍ଥା ଓ ଘଟଣାବଳୀର ଚର୍ଚ୍ଚା । ବିଶ୍ୱର ଶୋଚନୀୟ ପରିସ୍ଥିତି ଦୃଷ୍ଟିକୋଣରୁ ଅହେମଦିମାନଙ୍କୁ ବିଶେଷ ଭାବରେ ଦୁଆ କରିବାକୁ ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ସରିୟାର ଉପକ୍ରମ ସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ ସାହେବ ଉଲ୍ଲେଖ କରିଛନ୍ତି ଯେ, ସୁଲୈମ୍ ଓ ଗତଫାନ୍ ଗୋଷ୍ଠୀର ଲୋକମାନେ ଆରବର ମଧ୍ୟଭାଗରେ ଅବସ୍ଥିତ ମରୁଡ଼ଫା ନଜଦ୍ ସ୍ଥଳେ ବସବାସ କରୁଥିଲେ ଏବଂ ମୁସଲମାନମାନଙ୍କ ବିରୋଧରେ କୁରୈଶ ମକ୍କା ସହିତ ଗଠବନ୍ଧନ ରହିଥିଲା । କବିଲା ବନୁ ଆମିର୍‌ର ଜଣେ ଧନାଢ଼୍ୟ ବ୍ୟକ୍ତି ଅବୁ ବରା ଆମ୍‌ରୀ ହଜରତ ମୁହମ୍ମଦ [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲା । ଯାହାଙ୍କୁ ଆପଣ ଅତି ନମ୍ର ଓ ଆଦରତାର ସହିତ ଇସଲାମର ବାର୍ତ୍ତା ଦେଲେ । ଯଦିଚ ସେ ବେଶ ଧ୍ୟାନ ପୂର୍ବକ ଆପଣଙ୍କ ଅଭିଭାଷଣ ଶୁଣିଲା କିନ୍ତୁ ଇସଲାମ ଧର୍ମ ଗ୍ରହଣ କଲା ନାହିଁ । ହଁ ସେ ହୁଜୁର [ସ.ଅ]ଙ୍କୁ ନିବେଦନ କଲା କି ତାହା ସହିତ କିଛି ସାହାବାଙ୍କୁ ପ୍ରେରଣ କରି ଦିଅନ୍ତୁ ଯେ, ନଜଦ୍‌ବାସୀଙ୍କୁ ଇସଲାମ ପ୍ରତି ଡ଼ାକରା ଦେବେ ଏବଂ ମୋର ଆଶା କି ସେମାନେ ଆପଣଙ୍କ ନିମଣନ୍ତ୍ରକୁ ରଦ୍ଦ କରିବେ ନାହିଁ । ହୁଜୁର[ସ.ଅ] କହିଲେ; ମୋର ନଜଦ୍‌ବାସୀଙ୍କ ଉପରେ ଭରଷା ନାହିଁ । ଏଥିରେ ଅବୁ ବରା ଉକ୍ତ ସାହାବାମାନଙ୍କ ସୁରକ୍ଷାର ଦାୟିତ୍ୱ ନେଲା । ଯେହେତୁ ସେ ଜଣେ ଦଳପତି ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି ଥିଲା ତେଣୁ ହୁଜୁର[ସ.ଅ] ତାହା ଉପରେ ଭରଷା କରି ସାହାବାମାନଙ୍କର ଏକ ଦଳ ନଜଦ୍ ଅଭିମୁଖେ ପ୍ରେରଣ କଲେ । ହଦିସ୍ ବୁଖାରୀରେ ଉଲ୍ଲେଖ ରହିଛି ଯେ, ରଆଲ ଓ ଜକଓ୍ୱାନ୍ ଦୁଇ ଗୋଷ୍ଠୀର କିଛି ଲୋକ ମୁସଲମାନମାନଙ୍କ ଶତ୍ରୁର ସାହାଯ୍ୟ କରିବା ନିମନ୍ତେ ଇସଲାମ ଧର୍ମ ଗ୍ରହଣ କରିବାର ଆଶ୍ୱାସନା ଦେଇ ହୁଜୁର [ସ.ଅ]ଙ୍କ ସେବାରେ ନିବେଦନ ପୂର୍ବକ ଏହି ପ୍ରସ୍ତାବ ନେଇ ଆସିଥିଲେ (କି ତାଙ୍କ ସହିତ କିଛି ସାହାବାଙ୍କୁ ଛାଡ଼ି ଦିଅନ୍ତୁ) ଯାହାଙ୍କ ସହିତ ହୁଜୁର[ସ.ଅ] ସାହାବାମାନଙ୍କର ଉକ୍ତ ଦଳକୁ ପ୍ରେରଣ କରିଥିଲେ । ସମ୍ଭବତଃ ଅବୁ ବରା ମଧ୍ୟ ସେମାନଙ୍କ ମଧ୍ୟରେ ସାମିଲ ଥିବ । ତେବେ ସେ ଯାହା ହେଉ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ୪ହିଜ୍‌ରୀର ସଫର୍ ମାସରେ ମୁନଜିର୍ ବିନ୍ ଉମରୋ [ର.ଅ]ଙ୍କ ନେତୃତ୍ୱରେ ୭୦ଜଣ ସାହାବାଙ୍କର ଏକ ଦଳ ପ୍ରେରଣ କଲେ । ଯେଉଁମାନଙ୍କ ମଧ୍ୟରେ ପାଖାପାଖି ସମସ୍ତେ ହିଁ ପବିତ୍ର କୁରଆନ କଣ୍ଠସ୍ତ କରିଥିଲେ ।

ଏପରି ବଡ଼ ଧରଣର ନିଷ୍ପତ୍ତି ଆପଣ[ସ.ଅ] କେବଳ ଇସଲାମର ପ୍ରଚାର ପ୍ରସାର କରିବା ନିମନ୍ତେ ନେଇଥିଲେ । ଏହି ସରିୟା ସଂକ୍ରାନ୍ତରେ ହୁଜୁର [ସ.ଅ]ଙ୍କର ଏକ ପତ୍ରର ମଧ୍ୟ ଚର୍ଚ୍ଚା ମିଳୁଅଛି । ଯାହାକି ଆପଣ

ଆମିର୍ ବିନ୍ ତୁଫେଲ୍‌ଙ୍କୁ ଲେଖିଥିଲେ । ହରାମ୍ ବିନ୍ ମଲହାନ୍ ନିଜର ଦୁଇଜଣ ସାଥି ହଜରତ ଜୈଦ୍ ବିନ୍ କାବ୍ ଓ ହଜରତ ମୁନଜିର୍ ବିନ୍ ମୁହମ୍ମଦ [ର.ଅ]ଙ୍କ ସାଥିରେ ହୁଜୁର [ସ.ଅ]ଙ୍କର ଉକ୍ତ ପତ୍ର ନେଇ ଆମିର୍ ବିନ୍ ତୁଫେଲ୍ ନିକଟକୁ ଯାଇଥିଲେ । ପ୍ରାରମ୍ଭରେ ସେ ଏମାନଙ୍କ ସହିତ କପଟତା ପ୍ରଦର୍ଶନ କରିଥିଲେ କିନ୍ତୁ ଯେତେବେଳେ ହରାମ୍ ବିନ୍ ମଲହାନ୍[ର.ଅ] ତାଙ୍କୁ ଇସଲାମର ସନ୍ଦେଶ ଦେବା ଆରମ୍ଭ କଲେ ସେତେବେଳେ ସେଠାରେ ଉପସ୍ଥିତ ଲୋକମାନେ ନିଜ ମନ୍ଦ ପ୍ରବୃତ୍ତିର ପରିପ୍ରକାଶ କଲେ । ଅର୍ଥାତ ଉକ୍ତ ନିଷ୍ପାପ ଓ ନିଷ୍କପଟ ସନ୍ଦେଶବାହକଙ୍କୁ ତାଙ୍କ ପଶ୍ଚାତ ପାର୍ଶ୍ୱରୁ ବର୍ଚ୍ଛା ମାରି ଶହିଦ୍ କରିଦେଲେ । ସେତେବେଳେ ଉକ୍ତ ସାହାବାଙ୍କ ମୁଖରୁ ଏହି ଉକ୍ତି ନିସୃତ ହେଲା, ଅଲ୍ଲାହୁ ଅକ୍‌ବର୍ ଫୁଜ୍‌ତୁ ଓରବ୍‌ବିଲ୍ କାବାଃ ଅର୍ଥାତ ଅଲ୍ଲାଃ ହିଁ ସର୍ବଶ୍ରେଷ୍ଠ, କାବାର ପ୍ରଭୁଙ୍କ ରାଣ ! ମୁଁ ନିଜ ଉଦ୍ଦେଶ୍ୟ (ଅଭିପ୍ରାୟ) ଲଭି ନେଲି । ଆମିର୍ ବିନ୍ ତୁଫେଲ୍ କେବଳ ହୁଜୁର [ସ.ଅ]ଙ୍କ ସନ୍ଦେଶବାହକଙ୍କର ହତ୍ୟା କରିବା ମଧ୍ୟରେ ଅଟକି ଯାଇ ନଥିଲା । ବରଂ ସେ ବନୁ ଆମିର୍ ଗୋଷ୍ଠୀକୁ ଉତ୍ତେଜିତ କରାଇଲା କି ସେମାନେ ବାକି ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦିଅନ୍ତୁ କିନ୍ତୁ ସେମାନେ ଏପରି କରିବାକୁ ମନା କରିଦେଲେ । ଏଥିରେ ଆମିର୍ କବିଲା ସୁଲୈମ୍‌ର ବନୁ ରାଅଲ୍, ଜକ୍‌ୱାନ୍ ଓ ଅସିୟା ଆଦି (ଦଳ) ସହିତ ମିଳିତ ହୋଇ ସେହି ମୁସଲମାନମାନଙ୍କର ସଂଖ୍ୟାଲଘୁ ଓ ଅସହାୟ ଦଳ ଉପରେ ଆକ୍ରମଣ କରିଦେଲେ । ତହୁଁ ଉତ୍ତାରୁ ଉକ୍ତ ନିଷ୍ପୃହ ମୁସଲମାନମାନେ ସେହି ହିଂସ୍ର ପ୍ରବୃତ୍ତ ଦୁର୍ଦାନ୍ତମାନଙ୍କୁ କହିଲେ; ଆମେ ନିରସ୍ତ୍ର, ଆମେ ତୁମର ମୁକାବିଲା କରିବୁ ନାହିଁ । ଆମେ ହଜରତ ମୁହମ୍ମଦ [ସ.ଅ]ଙ୍କ ଆଦେଶକ୍ରମେ ଏଠାକୁ ତୁମ ସହିତ ଲଢ଼ିବା ପାଇଁ ଆସି ନାହୁଁ ବରଂ ଏକ ବିଶେଷ ଉଦ୍ଦେଶ୍ୟରେ ଆସିଛୁ । କିନ୍ତୁ ସେମାନେ ତାଙ୍କର କୌଣସି କଥା କର୍ଣ୍ଣପାତ କଲେ ନାହିଁ ଏବଂ ସମସ୍ତ ନିରୀହ ମୁସଲମାନମାନଙ୍କୁ ନିର୍ମମ ଭାବରେ ହତ୍ୟା କରିଦେଲେ । ଏହି ସରିୟାରେ ହଜରତ ଆମିର୍ ବିନ୍ ଫୁହେରାଃ [ର.ଅ]ଙ୍କ ଶହିଦ୍ ହେବାର ଚର୍ଚ୍ଚା ମିଳୁଅଛି । ସେ ହଜରତ ଅବୁବକର [ର.ଅ]ଙ୍କ ଠାରୁ ସ୍ୱାଧୀନତା ଲାଭ କରିଥିବା କ୍ରୀତଦାସ ଥିଲେ । ତାଙ୍କର ଏହି ବୈଶିଷ୍ଟ୍ୟ ରହିଥିଲା ଯେ, ସେ ନବୀଶିରୋମଣୀ ଓ ହଜରତ ଅବୁବକର [ର.ଅ]ଙ୍କ ସହିତ (ମଦିନା) ପ୍ରବାସ କରିବା ସମୟରେ ସାମିଲ ଥିଲେ । ତାଙ୍କ ସମ୍ବନ୍ଧରେ ଆମିର୍ ବିନ୍ ତୁଫେଲ୍ କୁହନ୍ତି; ମୁଁ ଦେଖିଲି ଆମିର୍ ବିନ୍ ଫୁହେରାଃ ନିହତ ହେବା ପରେ ଆକାଶ ମାର୍ଗକୁ ଉତ୍‌ଥିତ କରାଗଲେ, ଏପରିକି ଆକାଶ ତାଙ୍କ ଓ ଭୂ-ପୃଷ୍ଠ ମଧ୍ୟରେ ରହିଛି । ସେଥିଅନ୍ତେ ତାଙ୍କୁ ଭୂ-ପୃଷ୍ଠକୁ ଓହ୍ଲାଇ ଅଣାଗଲା । **ଦେଖ ଉକ୍ତ ବ୍ୟକ୍ତି ଜଣକ ସେପର୍ଯ୍ୟନ୍ତ ସୁଦ୍ଧା ମୁସଲମାନ ହୋଇ ନଥିଲେ ଏବଂ ସେ ଏହି ଦୃଶ୍ୟ ଅବଲୋକନ କରିଥିଲା ।** ହଜରତ ମୁହମ୍ମଦ [ସ.ଅ]ଙ୍କୁ ଯେତେବେଳେ ତାଙ୍କ ସମ୍ବନ୍ଧରେ ସୂଚନା ମିଳିଲା, ଆପଣ ତାହା ସାହାବାମାନଙ୍କୁ ଜଣାଇ କହିଲେ; ତୁମ ସାଥି ସାହାବାମାନେ ଶହିଦ୍ ହୋଇଯାଇଛନ୍ତି । ସେମାନେ ନିଜ ପ୍ରଭୁଙ୍କ ନିକଟରେ ଦୁଆ କଲେ ହେ ଆମର ପାଳନକର୍ତ୍ତା ! ଆମ ସଂକ୍ରାନ୍ତରେ ଆମ ଭାଇମାନଙ୍କୁ ସୂଚିତ କରିଦିଅ ଯେ, ଆମେ ତୁମ୍ଭ (ଆଶିଷ)ରେ ସନ୍ତୁଷ୍ଟ (ପ୍ରସନ୍ନିତ) ଏବଂ ତୁମ୍ଭେ ଆମ ଉପରେ ପ୍ରସନ୍ନିତ । ଅତଏବ ଐଶ୍ୱର୍ଯ୍ୟମୟ ପ୍ରଭୁ ତାଙ୍କ ଅବସ୍ଥା ସମ୍ବନ୍ଧରେ ସୂଚିତ କରିଦେଲେ ।

ହଜରତ ଆମିର୍ ବିନ୍ ଫୁହେରାଃ [ର.ଅ]ଙ୍କୁ ଜବାର ବିନ୍ ସଲ୍‌ମା ହତ୍ୟା କରିଥିଲା । ପରବର୍ତ୍ତୀ ସମୟରେ ସେ ମୁସଲମାନ ହେବା ପରେ ଏକଥା ବାରମ୍ବାର କହୁଥିଲେ କି ଯେତେବେଳେ ମୁଁ ଆମିର୍ ବିନ୍ ଫୁହେରାଃ [ର.ଅ]ଙ୍କୁ ହତ୍ୟା କଲି ସେତେବେଳେ ତାଙ୍କ ମୁଖରୁ ଅପଣାଛାଏ ଏହା ନିସୃତ ହେଲା, ଫୁଜ୍‌ତୁ ଓରବ୍‌ବିଲ୍ କାବାଃ ଅର୍ଥାତ କାବାର ପ୍ରଭୁଙ୍କ ରାଣ ! ମୁଁ କୃତକାର୍ଯ୍ୟ ହୋଇଗଲି । ସେ କୁହନ୍ତି; ଏହି ଶବ୍ଦ ମୋ ହୃଦୟରେ ପ୍ରବିଷ୍ଟ

ହୋଇଗଲା । ମୁଁ ଚିନ୍ତାରେ ପଡ଼ିଗଲି କି ଏହି ଶବ୍ଦର ଅର୍ଥ କ'ଣ ? ଅତଏବ ପରବର୍ତ୍ତୀ ସମୟରେ ଲୋକମାନଙ୍କୁ ଏହାର କାରଣ ପଚାରିବାରୁ ମୋତେ ଜ୍ଞାତ ହେଲା ଯେ, ମୁସଲମାନମାନେ ନିଜ ସୃଷ୍ଟିକର୍ତ୍ତାଙ୍କ ମାର୍ଗରେ ପ୍ରାଣବଳି ଦେବାକୁ ସର୍ବଶ୍ରେଷ୍ଠ ସଫଳତା ମନେ କରୁଛନ୍ତି **ଏବଂ ଏହି ପ୍ରସଙ୍ଗ ମୋତେ ଗଭୀର ଭାବରେ ପ୍ରଭାବିତ କଲା, ଏପରିକି ମୁଁ ମୁସଲମାନ ପାଲଟି ଗଲି ।**

ଏହି ସରିୟାରେ ସାମିଲ ହୋଇଥିବା ସମସ୍ତ ସାହାବାମାନଙ୍କ ନାମ ଜୀବନୀ ଓ ଇତିହାସ ପୁସ୍ତକରେ ଦରଜ ନାହିଁ କିନ୍ତୁ ପାଖାପାଖି ୨୯ ଜଣ ଶହିଦ୍‌ଙ୍କ ନାମ ଉଲ୍ଲେଖ ରହିଛି । ତେବେ ସେ ଯାହା ହେଉ ହଜରତ ଅମର୍ ବିନ୍ ଉମ୍ୟା ଜମ୍‌ରୀ ଓ ହଜରତ ମୁନ୍‌ଜିର ବିନ୍ ମୁହମ୍ମଦ ର.ଅଙ୍କ ସଂକ୍ରାନ୍ତରେ ବର୍ଣ୍ଣନା ରହିଛି ଯେ, ଏହି ଦୁଇଜଣ ସାହାବୀ ସେଠାରୁ ଜୀବିତ ବର୍ତ୍ତି ଯାଇଥିଲେ । କିନ୍ତୁ ଗିରିଶୃଙ୍ଗରୁ ଓହ୍ଲାଇ ଆସିବା ପରେ ମୁନ୍‌ଜିର୍ ଶତ୍ରୁ ସହିତ ସଂଘର୍ଷ କରିବା ଅବସ୍ଥାରେ ଶହିଦ୍ ହୋଇଗଲେ । ଯେତେବେଳେ କି ଆମିର୍ ବିନ୍ ତୁଫେଲ୍ ନିଜ ମାତାଙ୍କ ପକ୍ଷରୁ ଏକ କ୍ରୀତଦାସ ସ୍ୱାଧୀନ କରିବାର ମାନସିକ ଯୋଗୁଁ ହଜରତ ଅମର୍‌ଙ୍କର ମିଜିର୍ କବିଲା ସହିତ ସମ୍ପର୍କ ଥିବା ବଶତଃ ଆରବର ପ୍ରଚଳିତ ପ୍ରଥା ଅନ୍ତର୍ଗତ ତାଙ୍କର କିଛି ଚୁଟି କାଟି ସେମାନେ ତାଙ୍କୁ ସ୍ୱାଧୀନ କରି ଦେଇଥିଲେ । ସେଠାରୁ ପ୍ରସ୍ଥାନ କରିବା ପରେ ହଜରତ ଅମର୍ ଗୋଟିଏ ସ୍ଥାନରେ ବନୁ ଆମିର୍ ଅଥବା ବନୁ ସୁଲେମ୍‌ର ଦୁଇଜଣ ବ୍ୟକ୍ତିଙ୍କୁ ହତ୍ୟା କରିଦେଲେ ଯେତେବେଳେ କି ଉକ୍ତ ଦୁଇଗୋଷ୍ଠୀକୁ ପୂର୍ବରୁ ଏକ ସନ୍ଧି ମାଧ୍ୟମରେ ସୁରକ୍ଷା ପ୍ରଦାନ କରିଥିଲେ । ଯାହା ସଂକ୍ରାନ୍ତରେ ହଜରତ ଅମର୍ ର.ଅଙ୍କୁ ଜଣା ନଥିଲା । ବସ୍ତୁତଃ ହୁଜୁର୍ସ.ଅ ସେମାନଙ୍କୁ ଅମର୍‌ଙ୍କର (ସନ୍ଧିଭଙ୍ଗ କରିବା) କ୍ଷତି ପୂରଣ ପ୍ରଦାନ କରିଦେଲେ । ହୁଜୁର୍ସ.ଅ ଓ ଆପଣ ସ.ଅଙ୍କ ସାହାବାଙ୍କୁ ପାଖାପାଖି ଏକା ସମୟରେ ରଜଈ ଓ ବୈରେ ମାଉନାର (ଦୁଃଖଦ) ଘଟଣା ସମ୍ପର୍କରେ ସୂଚନା ମିଳିଥିଲା । ଆଉ ଏତଦ୍ ଦ୍ୱାରା ହୁଜୁର ସ.ଅଙ୍କୁ ବହୁତ ବଡ଼ ଧକ୍କା ଲାଗିଥିଲା । ଯାହାକି ପୂର୍ବରୁ ନା ପରବର୍ତ୍ତୀ ସମୟରେ କଦାଚିତ ଆପଣଙ୍କୁ ପହଞ୍ଚି ଥିଲା ।

ପାଖାପାଖି ୮୦ଜଣ ସାହାବାଙ୍କର ଏପରି ନିର୍ମମ ଭାବରେ ଆକସ୍ମିକ ହତ୍ୟା ଏବଂ ଏପରି ସାହାବି ଯେ ପବିତ୍ର କୁରଆନ ସମ୍ପୂର୍ଣ୍ଣ ମୁଖସ୍ତ କରି ରଖିଥିଲେ । ଏହି ଖବର ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପାଇଁ ନିଜସ୍ୱ ୮୦ଜଣ ପୁତ୍ରଙ୍କର ଶହିଦ୍ ହୋଇଯିବା ପରି ଆଘାତ ଲାଗିବା ଥିଲା । କିନ୍ତୁ ଇସଲାମର ମୌଳିକ ଶିକ୍ଷା ତ ଯେ କୌଣସି ପରିସ୍ଥିତିରେ ଧୈର୍ଯ୍ୟ ରକ୍ଷା କରିବାର ତାଲିମ ଦେଇଥାଏ । ଅତଏବ ହୁଜୁର୍ସ.ଅ ଏହି ହୃଦୟବିଦାରକ ଖବର ଶୁଣିବା ପରେ ଇନ୍ନାଲିଲ୍ଲାହି ଓଇନ୍ନା ଇଲୈହି ରାଜେଉନ୍ ପାଠ କଲେ ଏବଂ ଏହି କଥା କହି ନିରବ ହୋଇଗଲେ ଯେ, ଏସବୁ ଅବୁ ବରା'ର କାରସାଦି । ନଚେତ ମୁଁ ତ ସେମାନଙ୍କ ସହିତ ସାହାବାଙ୍କୁ ପ୍ରେରଣ କରିବାକୁ ପସନ୍ଦ କରୁ ନଥିଲି ।

ରଜଈ ଓ ବୈରେ ମାଉନାର ଘଟଣା ପରେ ପାଖାପାଖି ଏକମାସ ପର୍ଯ୍ୟନ୍ତ ଫଜର୍ ନମାଜ୍‌ର କୟାମ୍ ଆସନରେ ହୁଜୁର୍ସ.ଅ ଅତି ଦରଦ'ର ସହିତ କବିଲା ରଆଲ୍, ଜକ୍‌ୱାନ୍, ଅସିୟା ଓ ବନୁ ଲହାନ୍‌ର ନାମ ନେଇ ଦୁଆ କରୁଥିଲେ କି ହେ ପ୍ରଭୁ ! ତୁମ୍ଭେ ଆମମାନଙ୍କ ଉପରେ ଦୟା କର ଏବଂ ଇସଲାମୀୟ ଶତ୍ରୁର ହସ୍ତକୁ ଅଟକାଅ ଯେ ତୁମ୍ଭ ଧର୍ମର ମୂଳୋତ୍ପାଟନ କରିବା ପାଇଁ ନିରୀହ ମୁସଲମାନମାନଙ୍କୁ ଅତି ନିର୍ମମ ଓ ନିର୍ଲଜ୍ଜତାର ସହିତ ହତ୍ୟା କରିଚାଲିଛି ।

ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱରଅ.ବ କହିଲେ; ଯେପରିକି ମୁଁ ସର୍ବଦା ଆହ୍ୱାନ ଦେଇ ଆସୁଛି କି ଫିଲିସ୍ତିନ'ର ଅତ୍ୟାଚାରିତ ଲୋକମାନଙ୍କ ପାଇଁ ଦୁଆ ଅବ୍ୟାହତ ରଖିବେ । ଅଲ୍ଲାଃତାଲା

ଅତ୍ୟାଚାରୀମାନଙ୍କୁ ଶୀଘ୍ର କବଳିତ କରନ୍ତୁ । ନିରୀହ ଲୋକମାନଙ୍କୁ ସେହିପରି ହତ୍ୟା କରିଚାଲିଛନ୍ତି ଯେପରି ସେହି ସାହାବାମାନଙ୍କୁ ହତ୍ୟା କରାଯାଉଥିଲା, ଯାହାର ମୁଁ ଚର୍ଚ୍ଚା କରି ଆସିଲି । ନିରୀହ ଫିଲିସ୍ତିନବାସୀଙ୍କୁ ସେମାନେ ଛଳନା କରି ଗୋଟିଏ ସ୍ଥାନକୁ ପ୍ରେରଣ କରୁଛନ୍ତି ତ କେତେବେଳେ ଅନ୍ୟ ସ୍ଥାନକୁ ପ୍ରେରଣ କରୁଛନ୍ତି ଏବଂ ସେହିସ୍ଥଳେ ବୋମା ମାଡ଼ କରି ଦେଉଛନ୍ତି । ଅଲ୍ଲାଃତାଲା ସେମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ।

ଏମିତି ସମଗ୍ର ବିଶ୍ୱ ପାଇଁ ମଧ୍ୟ ଦୁଆ ଅବ୍ୟାହତ ରଖିବେ । ବିଶ୍ୱ ଅତି ତୀବ୍ର ବେଗରେ ଧ୍ୱଂସାଭିମୁଖେ ଅଗ୍ରସର ହୋଇ ଚାଲିଛି । ବିଶ୍ୱଯୁଦ୍ଧର ଆଶଙ୍କା ବଢ଼ି ଚାଲିଛି । ଅଲ୍ଲାଃତାଲା ସମସ୍ତ ଅହେମଦିମାନଙ୍କୁ ଯୁଦ୍ଧର କୁପ୍ରଭାବରୁ ଓ ତାହାର କୁପରିଣାମରୁ ସୁରକ୍ଷିତ ରଖନ୍ତୁ । ପାକିସ୍ତାନୀ ଅହେମଦିମାନଙ୍କ ପାଇଁ ମଧ୍ୟ ବିଶେଷ ଭାବରେ ଦୁଆ କରିବେ । ସମ୍ପ୍ରତି ସେମାନଙ୍କ ପାଇଁ ଅନେକ ପ୍ରକାର ଅସୁବିଧା ସୃଷ୍ଟି କରାଯାଉଛି । ଅଲ୍ଲାଃତାଲା (ସେମାନଙ୍କ ଉପରେ) ଦୟାବତୀର୍ଣ୍ଣ କରନ୍ତୁ ଏବଂ ଅତ୍ୟାଚାରୀମାନଙ୍କ କବଳରୁ ସେମାନଙ୍କୁ ମୁକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
7th June 2024